# ଆଜିଠାରୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା ଆରମ୍ଭ

ରାଉରକେଲା,୨୦।୯ (ଅଫିସ୍): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓସୁ) ପକ୍ଷରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନରତ ଶିକ୍ଷାର୍ଥୀମାନଙ୍କ ଶେଷ ବର୍ଷ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟରେ ୨ବର୍ଷିଆ ସ୍ନାତକୋତ୍ତର ପାଠ୍ୟକ୍ରମରେ ପଢୁଥିବା ଶିକ୍ଷାର୍ଥୀମାନେ ଏହି ଶେଷ ସେମିଷ୍ଟାର ପରୀକ୍ଷା ଦେବେ ବୋଲି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ବିଶ୍ୱ ବିଦ୍ୟାଳୟଅନୁଦାନଆୟୋଗପକ୍ଷରୁଡିଗ୍ରୀ ପ୍ରଦାନ ନିମନ୍ତେ କରାଯିବାକୁ ଥିବା ପରୀକ୍ଷା ସମ୍ପର୍କୀତ ଏକ ମାମଲାରେ ପ୍ରଦତ୍ତ ରାୟ ଏବଂ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ସ୍ଥିରିକୃତ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ପରୀକ୍ଷା ସେପ୍ଟେମ୍ବର ୨୦ ରୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଆୟୋଜିତ ହେବ। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଓସୁ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ହେବାକୁ ଯାଉଛି। ଓସୁର ବିଭିନ୍ନ ପାଠ୍ୟକ୍ରମରେ ୧୬୪୦ ଜଣ ଶିକ୍ଷାର୍ଥୀ ସ୍ନାତକୋତ୍ତର ପାଠ୍ୟକ୍ରମର ଶେଷ ସେମିଷ୍ଟାର ପରୀକ୍ଷା ଦେବା ନିମନ୍ତେ ଆବେଦନ କରିଥିବାରୁ ସେମାନଙ୍କ ପାଇଁ ପରୀକ୍ଷା ସମ୍ପନ୍ନ ହେବ। ଶିକ୍ଷାର୍ଥୀମାନେ ଡେସ୍କଟପ୍, ଲାପଟପ୍ ବା ସ୍ମାର୍ଟଫୋନ୍ ବ୍ୟବହାର କରି ଏହି ପରୀକ୍ଷା ଦେବେ। ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ପ୍ରାୟ ୧୨୨୫ ଜଣ ଗ୍ରାମାଞ୍ଚଳର ଥିବାବେଳେ ୨୪ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ରହିଛନ୍ତି। ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା ଯଥା :- ହଲ୍ ଟିକେଟ, ମକ୍ ଟେଷ୍ଟ ବା ପ୍ରତୀକାତ୍ମକ ପରୀକ୍ଷା ନିମନ୍ତେ ସମସ୍ତ ଶିକ୍ଷାର୍ଥୀଙ୍କୁ ଅଲଗା ଅଲଗା ଆଇଡି ଓ ପାସ୍‌ୱାର୍ଡ ଦିଆଯାଇଛି। ମୋଟ ୧୨୮ ପାଠ୍ୟକ୍ରମ ସହିତ ମୋଟ ୧୧ଟି ସ୍ନାତକୋତ୍ତର ବିଷୟ ପାଇଁ ଏହି ଅନ୍‌ଲାଇନ ପରୀକ୍ଷା ଆୟୋଜିତ ହେଉଛି। ଏଥିପାଇଁ ମୋଟ ୧୬ଟି ପରୀକ୍ଷା ଦିବସ ଏବଂ ପ୍ରତିଦିନ ୩ଟି ସିଟିଙ୍ଗ୍ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଏହି ପରୀକ୍ଷା ଦେବା ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ କୌଣସି ଦେୟ ନିଆଯାଇନାହିଁ। ଏହା ଦ୍ୱାରା ଶିକ୍ଷାର୍ଥୀମାନେ ପରୀକ୍ଷା ଦେୟ ପାଇଁ ଦେବାକୁ ଥିବା ଅର୍ଥରେ ଅନ୍‌ଲାଇନ ପରୀକ୍ଷା ଦେବା ପାଇଁ ଆବଶ୍ୟକ ଖର୍ଚ୍ଚ କରିବା ସୁବିଧା ହେବ। ଓସୁ ଅଧୀନରେ ଥିବା ମୋଟ ୭୦ଟି ଶିକ୍ଷାଦାନ କେନ୍ଦ୍ରର ସଂଯୋଜକ ଓ ୫ଟି ଆଞ୍ଚଳିକ କେନ୍ଦ୍ରର ଅଧିକାରୀଙ୍କୁ ଏହି ପରୀକ୍ଷା ସମ୍ପର୍କୀତ ସମସ୍ତ ପ୍ରକାରର ବ୍ୟବସ୍ଥା ପରିଚାଳନାରେ ସହାୟତ କରିବା ପାଇଁ ଆବଶ୍ୟକ ସୂଚନା ଓ ପରାମର୍ଶ ଦିଆଯାଇଛି। ବିଶେଷ କରି ଅନ୍‌ଲାଇନ ପରୀକ୍ଷା ପାଇଁ କୌଣସି ଶିକ୍ଷାର୍ଥୀଙ୍କର କିଛି ଅସୁବିଧା ହେଲେ ଆବଶ୍ୟକ ସହାୟତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନ ପରୀକ୍ଷା ସମୟରେ ସ୍ୱଚ୍ଛତା ଅବଲମ୍ବନ ପଦକ୍ଷେପ ସ୍ୱରୂପ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷା ଦେଉଥିବା ସମସ୍ତ ଶିକ୍ଷାର୍ଥୀମାନଙ୍କ ଫଟୋଚିତ୍ର ଉତ୍ତୋଳନ ବ୍ୟବସ୍ଥା ହୋଇଛି। ଏହା ଦ୍ୱାରା ପରୀକ୍ଷାର୍ଥୀମାନେ କୌଣସି ପ୍ରକାରର ବାହ୍ୟ ସହଯୋଗ ବା ପରୀକ୍ଷା ନିୟମର ସଠିକ ଅନୁପାଳନ ହେଉନଥିବା ସମ୍ପର୍କରେ ସୂଚନା ମିଳିବା ସହିତ ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇପାରିବ। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଦତ୍ତକର୍ମ ବା ଆଶାଇନମେଣ୍ଟ ଓ ପ୍ରକଳ୍ପ କାର୍ଯ୍ୟ ଡିଜିଟାଲ୍ ମାଧ୍ୟମରେ ଦେବାପାଇଁ ପରାମର୍ଶ ଦିଆଯାଇ ସେ ସବୁକୁ ଗ୍ରହଣ କରାଯାଇସାରିଛି। ଏହା ସହିତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କୀତ ବ୍ୟକ୍ତିଗତ ବାର୍ତ୍ତାଳାପ ଓ ଆଲୋଚନା ମଧ୍ୟ ଅନ୍‌ଲାଇନ ମାଧ୍ୟମରେ ସମ୍ପନ୍ନ ହୋଇସାରିଛି। ଏଥିପାଇଁ ଶିକ୍ଷାର୍ଥୀମାନଙ୍କ ଠାରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହିତ ପରିଚୟ ପତ୍ର ଗ୍ରହଣ କରାଯାଇଥିଲା। ଏହି କ୍ରମରେ ଓସୁ ପକ୍ଷରୁ ଅକ୍ଟୋବର ୨୦ ତାରିଖ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶନ ବ୍ୟବସ୍ଥା କରାଯାଇଛି, ଯାହାଫଳରେ ବିଦ୍ୟାର୍ଥୀମାନେ ରାଜ୍ୟ ଓ ରାଜ୍ୟ ବାହାରେ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ପାଇଁ ଉପଯୁକ୍ତ ସୁଯୋଗ ପାଇବେ। ଓସୁ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ସହିତ ଅନ୍ୟାନ୍ୟ କାର୍ଯ୍ୟ ପରିଚାଳନା ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ ଓ ଅଧ୍ୟାପକଙ୍କ ସମେତ ଶିକ୍ଷାର୍ଥୀମାନଙ୍କ ଏହି ନୂତନ ବ୍ୟବସ୍ଥା ଏକ ଅନନ୍ୟ ଅଭିଜ୍ଞତା ବୋଲି ଓସୁର କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର କହିଛନ୍ତି। ଅନ୍‌ଲାଇନ ପରୀକ୍ଷା ପରିଚାଳନା କରିବା ପାଇଁ ମହାରାଷ୍ଟ୍ର ନଲେଜ କର୍ପୋରେସନ ଲିମିଟେଡର ସହାୟତା ନିଆଯାଇଛି। ଖୁବ ଶୀଘ୍ର ନିୟମିତ ପରୀକ୍ଷା ଆୟୋଜନ ଓ ପରିଚାଳନା ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଡ.ମହାପାତ୍ର କହିଛନ୍ତି। ଯେଉଁ ଶେଷ ସେମିଷ୍ଟାର ଶିକ୍ଷାର୍ଥୀମାନେ ଅନ୍‌ଲାଇନ ପରୀକ୍ଷା ଦେବାରେ ସମସ୍ୟାରେ ପଡ଼ିବେ ବା ଦେଇପାରିବେ ନାହିଁ ସେମାନଙ୍କ ସମେତ ଅନ୍ୟ ସେମିଷ୍ଟାର ଶିକ୍ଷାର୍ଥୀମାନଙ୍କ ପାଇଁ ଏହି ନିୟମିତ ପରୀକ୍ଷା ବ୍ୟବସ୍ଥା କରାଯିବା ସହ ଏହାର ଫଳାଫଳ ୩୧ ଡିସେମ୍ବର ସୁଦ୍ଧା ପ୍ରକାଶ କରାଯିବ ବୋଲି ଡ. ମହାପାତ୍ର କହିଛନ୍ତି।